## ଦୁର୍ଘଟଣାରେ ଗୁରୁତର ଥିବା ବୃଦ୍ଧଙ୍କ ମୃତ୍ୟୁ

ଛେଣ୍ଡିପଦା,(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ ଜରପଡା ଥାନା ଜରପଡା ଛକରେ ଗତ ସୋମବାର ମୋଟରସାଇକେଲ ଧକ୍କାରେ ଗୁରୁତର ହୋଇଥିବା କୁମୁରସିଂହ ଗ୍ରାମର ଗଙ୍ଗାଧର ନାଏକ(୬୫)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଗଙ୍ଗାଧର ଜରପଡା ବଜାରରୁ ଘରକୁ ଫେରୁଥିବାବେଳେ ଏକ ମୋଟରସାଇକେଲ ତାଙ୍କୁ ଧକ୍କା ଦେଇଥିଲା। ତାଙ୍କୁ ପ୍ରଥମେ ଅନୁଗୋଳ ଓ ପରେ କଟକ ପଠାଇ ଦିଆଯାଇଥିଲା। ମୃତ ଗଙ୍ଗାଧରଙ୍କ ପୁଅ ସନ୍ତୋଷଙ୍କ ଅଭିଯୋଗ ପରେ ପୋଲିସ ନଂ ୧୪୪/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ଯୌତୁକ ପାଇଁ ବୋହୂଙ୍କୁ ଆକ୍ରମଣ

**ଛେଣ୍ଡିପଦା,୨୫ା୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଶାଶୁ ଘର ଲୋକେ ଯୌତୁକ ପାଇଁ ମରଣାନ୍ତକ ଆକ୍ରମଣ କରିଥିବା ବୁଧବାର ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ କହିଛି, ବାଗଡିଆ ଥାନା ବରସାହି ଗ୍ରାମର ସନ୍ତୋଷ ଗଡ଼ନାୟକଙ୍କ ଝିଅ ନିରୁପମା(୨୨) ୧୧ ମାସ ହେବ ବୈଦିକ ରୀତିରେ ବସନ୍ତପୁର ଗ୍ରାମର ପଦ୍ମଚରଣ ଦେହୁରୀଙ୍କ ଏକ ମାତ୍ର ପୁଅ ଅମୀୟ ଦେହୁରୀଙ୍କୁ ବିବାହ କରିଥିଲେ। ବିବାହର ୨୦ ଦିନ ପରେ ସ୍ୱାମୀ, ଶାଶୁ, ଶଶୁର, ନଣନ୍ଦ ଓ ନଣନ୍ଦ ଜ୍ୱାଇଁ ମିଶି ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। କିଛିଦିନ ପରେ ଚାକିରି କରି ୧ଲକ୍ଷ ଟଙ୍କା ଧରି ଘରକୁ ଆସିବୁ ବୋଲି କହି ନିରୁପମାଙ୍କ ନିକଟରେ ଥିବା ସମସ୍ତ ଗହଣା ନେଇ ଘରୁ ବାହାର କରିଦେଇଥିଲେ। ଏହାପରେ ନିରୁପମା କୌଣସି ଉପାୟ ନପାଇ ବାପ ଘରକୁ ଚାଲି ଆସିଥିଲେ। ବୁଧବାର ଏ ନେଇ ସେ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୭୭/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଅଣ୍ଡାରୁ ବାହାରିଲେ ୩୫ ଘଡ଼ିଆଳ ଛୁଆ

- ସାତକୋଶିଆରୁ ଆସିଲା ଖୁସି ଖବର
- ସୁରକ୍ଷା ପାଇଁ ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା

**ଅନୁଗୋଳ ଅଫିସ, ୨୫ା୫**

ଅନୁଗୋଳ ଜିଲା ସାତକୋଶିଆର ଘଡିଆଳ କୁମ୍ଭୀର ପ୍ରଜନନ କେନ୍ଦ୍ର ପାଇଁ ଆସିଛି ଖୁସି ଖବର। ଏଠାରେ କ୍ରମାଗତ ତୃତୀୟ ବର୍ଷ ପାଇଁ ଘଡ଼ିଆଳ ପ୍ରଜନନ ସଫଳ ହୋଇଛି। ଗୁରୁବାର ଘଡ଼ିଆଳ ଅଣ୍ଡା ଫୁଟି ୩୫ ଛୁଆ ମା' କୁମ୍ଭୀର ସହ ପାଣିରେ ଖେଳୁଥିବାର ଫଟୋ ବନ ବିଭାଗ ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ଏହି ସଫଳତା ପାଇଁ ସାତକୋଶିଆ ବନଖଣ୍ଡକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଛୁଟୁଛି।


ସାତକୋଶିଆ ଗଣ୍ଡର ବଳଦମରା ଠାରେ ଘଡ଼ିଆଳ ଛୁଆଗୁଡ଼ିକ ମା' ସହ ଖେଳୁଛନ୍ତି।

ପ୍ରକାଶ ଯେ, ସାତକୋଶିଆ ଗଣ୍ଡର ବଳଦମରା ଠାରେ ଘଡ଼ିଆଳ ପ୍ରଜନନ ଦୀର୍ଘ ୪୦ ବର୍ଷ ହେବ ହୋଇ ନ ଥିଲା। ୨୦୨୧ରେ ଘଡ଼ିଆଳ କୁମ୍ଭୀର ଅଣ୍ଡାରୁ ୨୮ଟି ଛୁଆ ବାହାରିଥିଲେ ହେଁ ମାତ୍ର ୩ରୁ ୪ଟି ଗଣ୍ଡରେ ରହିଛନ୍ତି। ସେହିପରି ୨୦୨୨ରେ ୩୨ଟି ଛୁଆ ବାହାରିଥିବା ଦେଖାଯାଇଥିଲା। ସେଥିରୁ ୧୨ରୁ ୧୩ଟିକୁ ଠାବ କରାଯାଇଛି। ଚଳିତବର୍ଷ ବଳଦମରାସ୍ଥିତ ବାଲିରେ ମା' କୁମ୍ଭୀର ଦେଇଥିବା ଅଣ୍ଡାରୁ ୩୫ଟି ଛୁଆ ଜନ୍ମ ହେବା ପରେ ବନ ବିଭାଗର ଉଦ୍ୟମ ସଫଳ ହୋଇଥିବା କୁହାଯାଉଛି। ତେବେ ଏହି ଘଡ଼ିଆଳ କିଭଳି ଭାବେ ସାତକୋଶିଆ ଗଣ୍ଡରେ ସୁରକ୍ଷିତ ରହିବେ ତାହାକୁ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଏହି ଛୁଆ ବଢ଼ିବା ପାଇଁ ଏବେ ଯଥେଷ୍ଟ ସମୟ ଥିବାରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଡିଏଫଓ ସରୋଜ ପଣ୍ଡା କହିଛନ୍ତି।

# ଦେବଦମ୍ପତିଙ୍କ ବିବାହ ଉତ୍ସବ

**କଣିହାଁ,୨୫ା୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ବିଜିଗୋଳସ୍ଥିତ ମା' ଭୈରବୀ ପୀଠରେ ବାବା ବରାଳ ବାଲୁଙ୍କେଶ୍ୱରଙ୍କ ସହିତ ମାତା ପାର୍ବତୀଙ୍କ ବୁଧବାର ଶୁଭବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ବର ପିତା ଭାବେ ବିଜିଗୋଳ ଗାଁର ପଦ୍ମଚରଣ ସାହୁ ଓ ଭୀମକାଣ୍ଡ ଗ୍ରାମର ଦିଲୀପ କନ୍ୟା ପିତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ବୁଧବାର ରାତି ୮ଟାରେ ବରପିତାଙ୍କ ମଝିସାହି ବାସଭବନ, ବିଜିଗୋଳ ଠାରୁ ବାରଡାଙ୍ଗୁଆ ଗ୍ରାମ ଦେଇ ଏକ ବିରାଟ ଶୋଭାଯାତ୍ରାରେ ବରଯାତ୍ରୀମାନେ ଆଶ୍ରମ ଅଭିମୁଖେ ବାହାରିଥିଲେ। ଶତାଧିକ ଶ୍ରଦ୍ଧାଳୁ ବରଯାତ୍ରୀ ଭାବେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରଙ୍ଗବେରଙ୍ଗ ଆଲୋକମାଳା ସହିତ ପାରମ୍ପରିକ ବାଦ୍ୟଯନ୍ତ୍ର, ଶଙ୍ଖ, ଘଣ୍ଟନାଦ ଏବଂ ଡିଜେ ସାଉଣ୍ଡର ତାଳେତାଳେ ଶ୍ରଦ୍ଧାଳୁମାନେ ନାଚି ନାଚି ଆସିଥିଲେ। ମା' ଭୈରବୀ ପୀଠରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା, ହୋମଯଜ୍ଞ ସହିତ ଦେବଦମ୍ପତିଙ୍କ ବିବାହ ସମ୍ପନ୍ନ ହୋଇଥିଲା। କାମାକ୍ଷାନଗର ଅଞ୍ଚଳର ପଣ୍ଡିତ ହରମୋହନ ମିଶ୍ର ପୁରୋହିତ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କନ୍ୟାପିତା ପକ୍ଷରୁ ମା' ଭୈରବୀ ଆଶ୍ରମ ପରିସରରେ ଶତାଧିକ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ସେହିପରି ବଡତ୍ରିବିଡା ସମେତ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଦେବଦମ୍ପତିଙ୍କ ବିବାହ ଉତ୍ସବ ପାଳିତ ହୋଇଥିଲା।



# ନାତି ଠେଙ୍ଗା ମାଡ଼ରେ ଅଜା ମୃତ

## ପାଲଲହଡ଼ାରେ ଅଭାବନୀୟ ଘଟଣା

**ଅନୁଗୋଳ ଅଫିସ, ୨୫ା୫**

ଅନୁଗୋଳ ଜିଲା ପାଲଲହଡା ଥାନା ବଟିସୁଆଁ ପଞ୍ଚାୟତ ହାତୀମୁଣ୍ଡ ଗାଁରେ ବୁଧବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ଗଣ୍ଡଗୋଳ ଯୋଗୁ ନାତିର ଠେଙ୍ଗା ମାଡ଼ରେ ଅଜା ଧନୁରାମ ମହାକୁଡ଼(୬୦)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ମୃତକଙ୍କ ପୁଅ ରାମଚନ୍ଦ୍ର ମହାକୁଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ.୧୩୪/୨୩ରେ ମାମଲା ରୁଜୁ କରି ନାତି ନବୀନ ମହାକୁଡଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

ପୋଲିସ କହିଛି, ହାତୀମୁଣ୍ଡ ଗାଁର ଧନୁରାମ ମହାକୁଡ଼ ଦୀର୍ଘ ଦିନ ହେବ ପରିବାର ସହିତ ରହିଆସୁଥିଲେ। ହେଲେ କିଛି ଦିନ ହେଲା ନାତି ନବୀନ ପାରିବାରିକ କଳହକୁ ନେଇ ଅଲଗା ରହୁଥିଲେ। ବୁଧବାର ବିଳମ୍ବିତ ରାତିରେ କୌଣସି କଥାକୁ ନେଇ ଅଜା ଓ ନାତିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ନାତି ନବୀନ ଏକ ଠେଙ୍ଗାରେ ଅଜାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ଧନୁରାମଙ୍କ ମୃତ୍ୟୁ ହୋଇଥିଲା। ଗାଁ ଲୋକଙ୍କ ନିକଟରୁ ଖବରପାଇ ପୋଲିସ ଗୁରୁବାର ସକାଳୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦେଇଛି।

# ଡେଲି ମାର୍କେଟ୍‌ରେ ହେବ ନୂତନ ଘର

## ଅନୁଗୋଳ ପୌରପରିଷଦ ବୈଠକ

**ଅନୁଗୋଳ ଅଫିସ, ୨୫ା୫**

ଅନୁଗୋଳ ପୌରପରିଷଦ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଅକ୍ଷୟ କୁମାର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର ଉପାଧ୍ୟକ୍ଷା ଅନୁପମା ସାହୁ, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଓ ଏସ୍‌ଇବିସିର ସର୍ଭେରେ ଆସିଥିବା ଅବଜରଭର ଶୁଭେନ୍ଦୁ ନାୟକ ଉପସ୍ଥିତ ଥିଲେ। ତେବେ ଆରମ୍ଭରୁ ପୂର୍ବ ବୈଠକରେ ହୋଇଥିବା ରିଜୋଲ୍ୟୁଶନ୍‌କୁ ନେଇ ତୁମ୍ବି ତୋଫାନ ହୋଇଥିଲା। କେତେଜଣ କାଉନସିଲରଙ୍କ ବ୍ୟକ୍ତିଗତ ପ୍ରସଙ୍ଗକୁ ରିଜୋଲ୍ୟୁଶନ୍‌ରେ ଲେଖାଯାଇଥିବାରୁ ଏହାକୁ ନେଇ ନିର୍ବାହୀ ଅଧିକାରୀ ଆପତ୍ତି ଉଠାଇଥିଲେ। ଏହାପରେ ସହରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା।



ପୂର୍ବ କାଉନସିଲ ବୈଠକରେ କେତେଜଣ କାଉନସିଲରଙ୍କୁ ପୌର ନିର୍ବାହୀ ଅଧିକାରୀ ଦୁର୍ବ୍ୟବହାର କରିଥିବା ରିଜୋଲ୍ୟୁଶନରେ ଲେଖାଯାଇଥିଲା। ଏଥିସହ ସହରରେ ହେଉଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କାଉନସିଲରଙ୍କୁ ଅବଗତ କରାଯାଉ ନ ଥିବା କେତେଜଣ କାଉନସିଲର ଅଭିଯୋଗ କରିଥିଲେ। ରିଜୋଲ୍ୟୁଶନ୍‌ରେ ଥିବାରୁ ଏ ନେଇ ବୈଠକ ଆରମ୍ଭରୁ ସରଗରମ ରହିଥିଲା। ତେବେ କାଉନସିଲରଙ୍କ କୌଣସି ବାଙ୍କଗଡ଼ପରେ ଆରୋପ ଓ ପ୍ରତ୍ୟାରୋପକୁ କାଉନସିଲ ହଲରେ ବାରଣ କରାଯାଇଛି। କେବଳ ପୌରପାଳିକା ଆଇନ୍ ଓ ନିୟମ ମୁତାବକ ଗୃହରେ ସହରର ଉନ୍ନୟନ କାର୍ଯ୍ୟ ଆଲୋଚନା କରାଯିବ ବୋଲି ନିର୍ବାହୀ ଅଧିକାରୀ କହିଥିଲେ। ଏପରିକି ଏହି ବିବାଦ ପଛରେ ନଗରପାଳଙ୍କ ହାତ ରହିଥିବା ସେ ଅଭିଯୋଗ ଆଣିଥିଲେ। ଏହାପରେ ନଗରପାଳ ବୁଢ଼ୀ ଠାକୁରାଣୀଙ୍କ ନିୟମ କରିବା ସହ ମନୋମାଳିନ୍ୟକୁ ଭୁଲି ଏକ୍ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ କେତେଜଣ କାଉନସିଲର ସେମାନଙ୍କ ୱାର୍ଡରେ କାର୍ଯ୍ୟ ହେଉ ନ ଥିବା ନେଇ ଆପତ୍ତି ଉଠାଇଥିଲେ। ସେହିପରି ଡେଲି ମାର୍କେଟ୍‌ରେ ନୂତନ ଦୋକାନ ଘର ନିର୍ମାଣ କରାଯିବ ବୋଲି ପ୍ରସ୍ତାବ ଦିଆଯାଇଥିଲା। ବଜାର ଛକରୁ ଗାନ୍ଧୀମାର୍ଗ ମଧ୍ୟରେ ଥିବା ରାସ୍ତା ଚଉଡ଼ା କରାଯିବ। ସେଠାରେ ଜବର ଦଖଲରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଓ ବ୍ୟକ୍ତିଗତ ଘରକୁ ଉଚ୍ଛେଦ କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ମେଡିକାଲ ଛକରୁ ବଜାର ଛକ ମଧ୍ୟରେ ଥିବା ରାସ୍ତାରେ ଶୌଚାଳୟ ପାଇଁ ଉଦ୍ଦିଷ୍ଟ ଥିବା ଜାଗାକୁ ଜବରଦଖଲକାରୀମାନେ ମାଡ଼ି ବସିଛନ୍ତି। ସେମାନଙ୍କୁ ଉଚ୍ଛେଦ କରାଯାଇ ସେଠାରେ ଶୌଚାଳୟ ଖୋଲାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିସହ ପ୍ରତି ୱାର୍ଡରେ ଥିବା ସରକାରୀ ଜାଗାକୁ କାଉନସିଲରମାନେ ଚିହ୍ନଟ କରି ପୌରକାର୍ଯ୍ୟାଳୟରେ ସୂଚନା ପ୍ରଦାନ କରିବେ। ଏହାପରେ କାର୍ଯ୍ୟାଳୟ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଧାର୍ଯ୍ୟ କରାଯାଇଥିଲା। ବର୍ଷା ଦିନ ପୂର୍ବରୁ ସହରରେ ଥିବା ନାଳ ସଫା କରିବା ସହ ଡ୍ରେନ୍ ମରାମତି ଓ ନୂତନ କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ହୋଇଥଲା। ଏହି ବୈଠକରେ ୨ ଜଣ କାଉନସିଲରଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତେ ଉପସ୍ଥିତ ରହିଥିଲେ।

# ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ବସ୍ ଚଳାଚଳ ଦାବି

**ଅନୁଗୋଳ ଅଫିସ, ୨୫ା୫**

ଅନୁଗୋଳ ସହର ମଧ୍ୟସ୍ଥ ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ସମସ୍ତ ବସ୍ ଚଳାଚଳ କରାଇବା ଏବଂ ବନ୍ତଲା ଓ ଜରପଡା ଅଞ୍ଚଳକୁ ଯାଉଥିବା ଛୋଟ ଗାଡିର ଷ୍ଟାଣ୍ଡକୁ ପୁରୁଣା ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରିବା ଦାବିରେ ପୁରୁଣା ବସ୍‌ଷ୍ଟାଣ୍ଡର ବ୍ୟବସାୟୀମାନଙ୍କ ପକ୍ଷରୁ ଗୁରୁବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ୟବସାୟୀମାନଙ୍କ ପକ୍ଷରୁ କୁହାଯାଇଛି, ସହରମଧ୍ୟସ୍ଥ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଜିଲାର ମୁଖ୍ୟ ପ୍ରଶାସନିକ ଅଫିସ୍, ଜିଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, କୋର୍ଟ, ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ବଜାର ରହିଥିବାରୁ ଜିଲାର ବିଭିନ୍ନ ସ୍ଥାନରୁ ଆସୁଥିବା ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରୁ ଓହ୍ଲାଇ ସହଜରେ ନିଜର କାର୍ଯ୍ୟ ସମ୍ପାଦନ କରି ଫେରିପାରୁଥିଲେ। କିନ୍ତୁ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହେବା ପରେ ପୁରୁଣା ବସ୍‌ଷ୍ଟାଣ୍ଡକୁ କୌଣସି ବସ୍ ଆସୁ ନ ଥିବାରୁ ଯାତ୍ରୀମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ନୂତନ ବସ୍‌ଷ୍ଟାଣ୍ଡରୁ ବଜାର, ମେଡିକାଲ କିମ୍ବା ଅଫିସ୍ କାମ କରିବାକୁ ବାଧ ହେଉଛନ୍ତି। ଅନ୍ୟପଟରେ ପୁରୁଣା ବସ୍‌ଷ୍ଟାଣ୍ଡର ଜାଗା ଅବ୍ୟବହୃତ ହୋଇ ପଡିରହିବା ଫଳରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏଣୁ ବନ୍ତଲା ଓ ଜରପଡା ଅଞ୍ଚଳକୁ ଯାଉଥିବା ଛୋଟିଆ ଗାଡିଷ୍ଟାଣ୍ଡକୁ ପୁରୁଣା ବସ୍‌ଷ୍ଟାଣ୍ଡକୁ ସ୍ଥାନାନ୍ତର କରାଗଲେ ଏନ୍‌ଏଚ୍ ପାଖର ଟ୍ରାଫିକ୍ ସମସ୍ୟା ଦୂରହେବା ସହିତ ପୁରୁଣା ବସ୍‌ଷ୍ଟାଣ୍ଡ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିବ। ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ସମସ୍ତ ବସ୍ ଚଳାଚଳ ପାଇଁ ଜିଲାପାଳଙ୍କ ନିକଟରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ଏ ନେଇ ପଦକ୍ଷେପ ନିଆ ନ ଗଲେ ବଡ ଧରଣର ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ବ୍ୟବସାୟୀଗଣ ଚେତାବନୀ ଦେଇଛନ୍ତି।


ପ୍ରଶାସନକୁ ଦାବିପତ୍ର ଦେବାକୁ ଆସିଥିବା ପୁରୁଣା ବସ୍‌ଷ୍ଟାଣ୍ଡର ବ୍ୟବସାୟୀମାନେ।

# ଜନଜୀବନ ସୁରକ୍ଷା କମିଟିର ସ୍ମାରକପତ୍ର

**ଅନୁଗୋଳ ଅଫିସ, ୨୫ା୫**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେସିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ପ୍ରଦୂଷଣ ଜର୍ଜରିତ ଅନୁଗୋଳ ଜିଲାର ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ଜିଲାରେ ପ୍ରତିଷ୍ଠିତ ଶିଳ୍ପ, ଖଣି ପାଇଁ ବିସ୍ଥାପନ ପୂର୍ବରୁ ଉପଯୁକ୍ତ କ୍ଷତିପୂରଣ, ଥଇଥାନ କରିବା ସହିତ ସମସ୍ତ ବେକାର ଯୁବତୀ-ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ଆଦି ଦାବିରେ ଗୁରୁବାର ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରପତ୍ର ଅତିରିକ୍ତ ଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ପାଇଁ ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ସ୍ମାରକପତ୍ର ପ୍ରଦାନ ସମୟରେ କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ଦାମୋଦର ଦାସ, ପର୍ଶୁରାମ ଦାସ, ତୀର୍ଥବାସୀ ଭୋଇ, ମାନସ ପାଲ, ପଠାଣି ବାରିହା, ତ୍ରେତାନନ୍ଦ ସାମନ୍ତ, ଅଶୋକ କୁମାର ପ୍ରଧାନ, ନିରୋଦ ପାଲ ପ୍ରମୁଖ ଉପସ୍ଥିତ ଥିଲେ।



# ଜୁନ୍ ୭ରେ ତାଳଚେର ବନ୍ଦ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର

**ତାଳଚେର, ୨୫ା୫ (ଡି.ଏନ.ଏ.)**

ତାଳଚେରକୁ ସ୍ୱତନ୍ତ୍ର ଜିଲା ଘୋଷଣା ଦାବିରେ ଆସନ୍ତା ଜୁନ୍ ୭ରେ ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ କରାଯିବ। ଏ ନେଇ ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ତାଳଚେରକୁ ଜିଲା ଘୋଷଣା ପାଇଁ ତାଳଚେରବାସୀ ୧୯୯୩ ମସିହାରୁ ବାରମ୍ବାର ଆନ୍ଦୋଳନ କରି ଆସୁଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ନୂତନ ଜିଲା ଗଠନ ପ୍ରକ୍ରିୟା ଆରମ୍ଭ କରିଥିବାରୁ ତାଳଚେରକୁ ସ୍ୱତନ୍ତ୍ର ଜିଲା ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୧୭୧ ଦିନ ହେବ ଗଣଧାରଣା ଦିଆଯାଇଛି। ତଥାପି ସରକାର ତାଳଚେରକୁ ଜିଲା ଘୋଷଣା କରି ନ ବାରୁ ଏହାର ପ୍ରତିବାଦରେ ଆସନ୍ତା ଜୁନ ୭ ତାରିଖରେ ୧୨ ଘଣ୍ଟିଆ ତାଳଚେର ବନ୍ଦ କରାଯିବ। ଉକ୍ତ ଦାବିପତ୍ରର ନକଲ ରାଜସ୍ୱ ମନ୍ତ୍ରୀ, ଢେଙ୍କାନାଳ ଏମ୍‌ପି, ତାଳଚେର ବିଧାୟକ, ପାଲଲହଡା ବିଧାୟକ, ପରଜଙ୍ଗ ବିଧାୟକ, ଅନୁଗୋଳ ଜିଲାପାଳ, ଅନୁଗୋଳ ଆରକ୍ଷୀ ଅଧୀକ୍ଷକ, ତାଳଚେର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଏମ୍‌ସିଏଲ୍‌ର ସିଏମ୍‌ଡି, ଖୋର୍ଦ୍ଧା ଡିଭିଜନ୍ (ରେଲ୍‌ୱେ), ଡିଆର୍‌ଏମ୍‌ଙ୍କୁ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ କ୍ରିୟାନୁଷ୍ଠାନ କମିଟିର ଚୈତନ୍ୟ ପ୍ରଧାନ, ପ୍ରଫୁଲ୍ଲ ନାଏକ, ବିଜୟ କୁମାର ମିଶ୍ର, ସଂଗ୍ରାମ କେଶରୀ କୁଅଁର, ବୀରେନ୍ଦ୍ର ଖଣ୍ଡୁଆଳ, ସନ୍ତୋଷ ମହାପାତ୍ର, ହରେକୃଷ୍ଣ ମହାପାତ୍ର, ରଞ୍ଜିତ ମହାପାତ୍ର, ନରେନ ସିଂ, ସରୋଜ ଦାସ, ବଳରାମ କୁଣ୍ଡ, କେଶବ ଭୂତିଆ, ଗଗନ ବିହାରୀ ଦାସ, ପଦ୍ମ ଚରଣ ସାମଲ, ସଞ୍ଜିତ ନାଏକ, ବିନୋଦ ଲାଲ୍, ଅଭୟ ପାଣି, ମନୋଜ କୁମାର ନାଏକ, ନଖିଆ ସାହୁ, ନବ ବାରିକ, ସୁକାନ୍ତ କୁମାର ଦାସ, ସୌମ୍ୟ ସଞ୍ଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ନିୟମ ଭଙ୍ଗକଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

**ଅନୁଗୋଳ ଅଫିସ,୨୫ା୫**

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସହରର ମୁଖ୍ୟ ଜନଗହଳିପୂର୍ଣ୍ଣ ରାସ୍ତା ଦେଇ ଯାତାୟାତ କରୁଥିବା ବଡ଼ ଟ୍ରେଲରଗୁଡ଼ିକୁ ସକାଳ ୭ ଟାରୁ ପୂର୍ବାହ୍ନ ୧ଟା ଏବଂ ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ଚଳାଚଳ ନ କରିବା ପାଇଁ ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ ଦେଇଥିବା ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ସେହିପରି ରାସ୍ତାରେ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ସିସିଟିଭି ଦ୍ୱାରା ସୁରକ୍ଷା ନିୟମ ଭଙ୍ଗ କରୁଥିବା ଗାଡ଼ିଚାଳକମାନଙ୍କ ଫଟୋ ସବୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଯୋଗାଇ ଦେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହେବାକୁ ଯାଉଥିବାରୁ ଏହାଦ୍ୱାରା ଗାଡ଼ିଗୁଡ଼ିକର ଗତି ବୃଦ୍ଧି ପାଇବ। ତୁକୁଡାଠାରେ ରାସ୍ତା ଉପରେ ବ୍ୟବସାୟୀମାନେ ହାଟ ବସାଉଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ବୃଦ୍ଧି ପାଇଛି। ଏହି ହାଟକୁ ଏକ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ ସ୍ଥାନ ନିରୁପଣ ନିମନ୍ତେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସଡ଼କ ସୁରକ୍ଷା ଉପରେ ଆଞ୍ଚଳିକ ପରିବହନ ବିଭାଗ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଏବଂ ପରିସଂଖ୍ୟାନ ସନ୍ତୋଷଜନକ ନ ଥିଲା। ତେଣୁ ଏହା ଉପରେ ଅଧିକ ଦୃଷ୍ଟି ଦେଇ ଜନସାଧାରଣଙ୍କ ସୁରକ୍ଷା ଏବଂ ସଡ଼କ ସୁରକ୍ଷା ନିୟମ ଭଙ୍ଗକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅତିରିକ୍ତ ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ସୁରେନ୍ଦ୍ର ଚନ୍ଦ୍ର ପାଣିଗ୍ରାହୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ସଡ଼କ ସୁରକ୍ଷା ଅଧିକାରୀ ଗଗନ ପରିଜା, ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଗଣଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ମେ, ୨୦୨୩



## ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ବଦଳିଲେ

ଢେଙ୍କାନାଳ ଅଫିସ: ଢେଙ୍କାନାଳ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ତନ୍ମୟ କୁମାର ଦରୱାନଙ୍କ କଳାହାଣ୍ଡି ଜିଲାର ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛି। ତାଙ୍କ ସ୍ଥାନରେ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କୁ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦବୀରେ ଅବସ୍ଥାପିତ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବଦଳି ନିର୍ଦ୍ଦେଶନାମାରେ ଏହି ସୂଚନା ଦିଆଯାଇଛି।

### ସଂକ୍ଷେପରେ

## ହାତୀ-ମଣିଷ ସଂଘର୍ଷ ବଢୁଛି

ରାସୋଲ, ୨୫।୫(ଡି.ଏନ୍.ଏ.): ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳରେ ହାତୀ-ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ବିଶେଷ କରି ରାସୋଳ ଅଞ୍ଚଳରେ ହାତୀ ଆକ୍ରମଣଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ଗତ ବୁଧବାର ଭୋର୍ ସମୟରେ ବାଡ଼ି ପଛପଟ ତୋଟାରୁ ଆମ୍ବ ଗୋଟାଉଥିବାବେଳେ ହାତୀ ଆକ୍ରମଣରେ କୁଟୁଣିଆ ପଞ୍ଚାୟତ ଖରିଡ଼ାଳି ଗ୍ରାମର ମାୟାଧର ସାହୁଙ୍କ ସ୍ତ୍ରୀ ଫୁଲ ସାହୁ (୬୪)ଙ୍କ ମୃତ୍ୟୁ ଘଟିଥିଲା। ରାତି ପ୍ରାୟ ୯ଟାରେ ଗିରିଧରପ୍ରସାଦ ପଞ୍ଚାୟତ ଭିଙ୍ଗିରା ଗ୍ରାମର ରୁଷିଆ ନାଏକଙ୍କ ହାତୀ ଆକ୍ରମଣରେ ଜୀବନ ଯାଇଛି। ସେ ସଉଦା ସାରି ଘରକୁ ଫେରୁଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଚିତ୍କାର ଶୁଣି ଆଖପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାସୋଳ ପୋଲିସ, ବନ କର୍ମଚାରୀ ଘଟଣାସ୍ଥଳରେ ତଦନ୍ତ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଆବଶ୍ୟକ କାଗଜପତ୍ର ଦାଖଲ ପରେ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ବନ ବିଭାଗ ହାତୀ ଘଉଡ଼ାଇବା ଦିଗରେ ପଦକ୍ଷେପ ନେବା ସହ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



କାଳବୈଶାଖୀରେ ଢେଙ୍କାନାଳ କୁଞ୍ଜକାନ୍ତ ଅଞ୍ଚଳରେ ଧରାଶାୟୀ ଗଛ।



ରାସ୍ତା ଉପରେ ଏକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଛି।

# ତାଣ୍ଡବ ରଚିଲା କାଳବୈଶାଖୀ

- ବର୍ଷା ସାଙ୍ଗକୁ ପ୍ରବଳ କୁଆପଥର ମାଡ଼
- ଗଛ, ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ
- ବିଦ୍ୟୁତ୍ ବିଭ୍ରାଟ ଯୋଗୁ ସହର ଅନ୍ଧାର

ଢେଙ୍କାନାଳ ଅଫିସ, ୨୫।୫

ଢେଙ୍କାନାଳ ଜିଲାରେ ଗୁରୁବାର ମଧ୍ୟାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଛି। ପ୍ରାୟ ଘଣ୍ଟାଏ ଧରି ହୋଇଥିବା ମୂଷଳଧାରାରେ ବର୍ଷା, କୁଆପଥର ମାଡ଼ ସାଙ୍ଗକୁ ଝଡ଼ତୋଫାନରେ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ, ବିଦ୍ୟୁତ୍ ଖୁଣ୍ଟ ଧରାଶାୟୀ ହୋଇଯାଇଛି। ସହରାଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି। ଅନ୍ୟପଟେ ପ୍ରାୟ ସପ୍ତାହେ ହେଲା ପ୍ରବଳ ଗ୍ରୀଷ୍ମପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ବର୍ଷା ପରିବେଶରେ ଶୀତଳତା ଭରିଛି।

ଢେଙ୍କାନାଳରେ ଗୁରୁବାର ସକାଳୁ ପାରଦ ଉପରମୁହାଁ ହୋଇଥିଲା। ୧୦ଟା ବେଳକୁ ଝାଞ୍ଜିମାଡ଼ ଆରମ୍ଭ ହୋଇଯାଇଥିଲା। ପ୍ରବଳ ଗୁଳୁଗୁଳିରେ ସହରବାସୀ ସନ୍ତୁଳି ହେଉଥିବାବେଳେ ମଧ୍ୟାହ୍ନ ୧୨ଟା ବେଳକୁ ହଠାତ୍ ପାଗ ବଦଳି ଯାଇଥିଲା। ଚତୁର୍ଦ୍ଦିଗରୁ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା। ପ୍ରବଳ ବେଗର ପ୍ରବନ ବୋହିବା ସହ କୁଆପଥର ବର୍ଷା ହୋଇଥିଲା। ଏହାର ପ୍ରଭାବରେ ପୌରାଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କୁଞ୍ଜକାନ୍ତ-ଲଳିତନଗର ଅଞ୍ଚଳର ପୋଖରୀ ହୁଡ଼ାରେ ଥିବା ବଡ଼ ଗଛ ଉପୁଡ଼ି ରାସ୍ତା ଉପରେ ପଡ଼ିଥିଲା। ଏଥିସହ ୨ଟି



ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। କାଠଗଡ଼ା ଆନନ୍ଦନଗରଠାରେ କେତେକ ଘରର ଟିଣ ଛପର ଉଡ଼ିଯାଇଛି। ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟ ପାଚେରି ଉପରେ ଗଛ ଭାଙ୍ଗି ପଡ଼ିଛି। ଝଡ଼ତୋଫାନରେ ୧୫ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଗଁଦିଆ-ଯୋରନ୍ଦା-କପିଳାସ ରାସ୍ତାରେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ପଡ଼ିଛି। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ଗଛ କାଟି ରାସ୍ତା ସଫା କରିଛନ୍ତି। କେତେକ ସ୍ଥାନରେ ଯାତାୟାତ ସ୍ୱାଭାବିକ ହୋଇଛି। ସେହିପରି ବିଦ୍ୟୁତ୍ ବିଭ୍ରାଟ ସ୍ୱାଭାବିକ କରିବା ଲାଗି ବିଭାଗୀୟ କର୍ମଚାରୀ ଉଦ୍ୟମ ଚଳାଇଛନ୍ତି।

ଅନ୍ୟପଟେ ବୁଧବାର ସହରର ତାପମାତ୍ରା ୪୨.୩ ଡିଗ୍ରୀ ଛୁଇଁଥିବା ବେଳେ କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ପରେ ଏହା ୩୮.୩ ଡିଗ୍ରୀକୁ ଖସି ଆସିଛି। ଫଳରେ ଅସହ୍ୟ ଗୁଳୁଗୁଳିରେ ସାମାନ୍ୟ ବ୍ରେକ୍ ଲାଗିଛି। କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## ବଜ୍ରପାତରେ ୧୩ ମେଣ୍ଢା ମୃତ

କାଳବୈଶାଖୀ ପ୍ରଭାବରେ ହୋଇଥିବା ବଜ୍ରପାତ ଢେଙ୍କାନାଳ ସଦର ବ୍ଲକ କାଇମାଟି ପଞ୍ଚାୟତ ଆଛନ୍ଦ ଗ୍ରାମର ବିପିନ ବିହାରୀ ବେହେରାଙ୍କ ପାଇଁ ଦୁଃଖ ଆଣିଛି। ଚଡ଼କରେ ୧୩ ମେଣ୍ଢାଙ୍କ ମୃତ୍ୟୁ ଘଟିବା ପରେ ସେ ଭାଙ୍ଗିପଡ଼ିଛନ୍ତି। ସୂଚନାଯୋଗ୍ୟ, ବିପିନଙ୍କ ୭୦ ମେଣ୍ଢା ଗ୍ରାମ ନିକଟ ବିଲରେ ଚରୁଥିଲେ। ଅପରାହ୍ନରେ ଝଡ଼ତୋଫାନ ମାଡ଼ି ଆସିବାରୁ ମେଣ୍ଢାପଲ ଏକ ଗଛତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୧୩ ମେଣ୍ଢା ଟଳିପଡ଼ିଥିଲେ। କ୍ଷତିଗ୍ରସ୍ତ ମେଷପାଳକଙ୍କୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଶୋଭାଯାତ୍ରାରେ କମ୍ପିଲା ପରିବେଶ

### ନୀଳକଣ୍ଠେଶ୍ୱରଙ୍କ ପୀଠରେ ଶୀତଳଷଷ୍ଠୀ

ଢେଙ୍କାନାଳ ଅଫିସ, ୨୫।୫

ଢେଙ୍କାନାଳ ସହରର ବିଭିନ୍ନ ଶୈବପୀଠରେ ଶୀତଳଷଷ୍ଠୀ ଯାତ୍ରା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ନଗର ପରିକ୍ରମାରେ ଠାକୁରଙ୍କ ଚଳନ୍ତି ପ୍ରତିମା ସାମିଲ ହୋଇଥିବାବେଳେ ଶୋଭାଯାତ୍ରାରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଖମାରସାହିସ୍ଥିତ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ଆୟୋଜିତ ହର-ପାର୍ବତୀଙ୍କ ବିବାହ ଉତ୍ସବରେ ବର ମାତାପିତା ଭାବେ ସାବିତ୍ରୀ ମିଶ୍ର, ଶିଶିର ମିଶ୍ର ଏବଂ କନ୍ୟା ମାତାପିତା ଭାବେ ସଂଯୁକ୍ତା ନନ୍ଦ, ଡା. ଇତିଶ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ବହୁ ଶ୍ରଦ୍ଧାଳୁ ବନ୍ଦାଣ ଏବଂ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମନ୍ଦିର ପ୍ରାଙ୍ଗଣରୁ ବାହାରିଥିବା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଏଥିରେ ସଂକୀର୍ତ୍ତନମଣ୍ଡଳୀ, ଘଣ୍ଟ, ଶଙ୍ଖ, ଢୋଲ ଆଦି ପାରମ୍ପରିକ ବାଦ୍ୟ ସାମିଲ ହୋଇଥିଲା। ସ୍ଥାନୀୟ ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ସଭାପତି ସୁକାନ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ବସନ୍ତ ରଥ, ଦୀପକ ମିଶ୍ର, ସୁଶାନ୍ତ ସାହୁ, ବଳରାମ ବାରିକ, ପ୍ରଶାନ୍ତ ବେହେରା, ସର୍ବେଶ୍ୱର ପଣ୍ଡା, ଭଗବାନ ବେହେରା, ସର୍ବେଶ୍ୱର ଦେହୁରୀ, ପ୍ରଭାସ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଶୋଭାଯାତ୍ରାରେ ଠାକୁରଙ୍କୁ ନଗର ପରିକ୍ରମା କରାଯାଉଛି।

## ପାରିବାରିକ କଳହରୁ ମହିଳାଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୨୫।୫

ଅନୁଗୋଳ ସଦର ଥାନା ଖଲାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ କନ୍ଦର୍ପ ମହାରଣାଙ୍କ ସ୍ତ୍ରୀ ସବିତା ମହାରଣା(୩୫) ଆତ୍ମହତ୍ୟା କରିଛନ୍ତି। ଏ ନେଇ ସଦର ପୋଲିସ ନଂ. ୧୯/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ପାରିବାରିକ କଳହରୁ ସବିତା ଏଭଳି ଚରମ ନିଷ୍ପତ୍ତି ନେଇଥିବା ତାଙ୍କ ବାପା ଚକ୍ରଧର ଦାସ କହିଛନ୍ତି। ପୋଲିସ କହିଛି, ୨୦ ବର୍ଷ ତଳେ କନ୍ଦର୍ପ ସମଲ ଅଞ୍ଚଳର ଚକ୍ରଧରଙ୍କ ଝିଅକୁ ବୈଦିକ ରୀତିରେ ବିବାହ କରିଥିଲେ। ତାଙ୍କର ଏକ କନ୍ୟ ଓ ପୁତ୍ର ସନ୍ତାନ ରହିଛନ୍ତି। ହେଲେ ଦମ୍ପତିଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହୁଥିଲା। ଏହି କଳହ ବଢ଼ିବାରୁ ବୁଧବାର ବିଳମ୍ବିତ ରାତିରେ ସବିତା ଏଭଳି ଚରମ ନିଷ୍ପତ୍ତି ନେଇଥିଲେ।

# ମଙ୍ଗଳା ମନ୍ଦିର ପ୍ରତିଷ୍ଠା



ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ ଶ୍ରଦ୍ଧାଳୁମାନେ।

ଢେଙ୍କାନାଳ ଅଫିସ୍, ୨୫।୫

ଢେଙ୍କାନାଳ ଦୋଳଗୋବିନ୍ଦ ସାହି ରାଧାକୃଷ୍ଣ ବଜାରରେ ୨୨ ତାରିଖରୁ ଚାଲିଥିବା ମା' ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଗୁରୁବାର ମା'ଙ୍କ ବିଗ୍ରହକୁ ମନ୍ଦିର ପ୍ରବେଶ କରାଯିବା ସହ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ସାମୂହିକ ପ୍ରସାଦ ସେବନରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ପଣ୍ଡିତ ରୁଦ୍ରନାରାୟଣ କବିଶତପଥୀ, ପଣ୍ଡିତ ସତ୍ୟନାରାୟଣ ମିଶ୍ର, ପଣ୍ଡିତ ଭରତଭୂଷଣ ରଥ, ପଣ୍ଡିତ ଅଭିଷେକ ଆଚାର୍ଯ୍ୟ, ମନ୍ଦିର ପୂଜକ ପଞ୍ଚାନନ ବେହେରା, ମନ୍ଦିର ନର୍ମାତା ସୁଶୀଲ ସାହୁ, ସଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଗଦାଧର ଷଣ୍ଢ, ଝୁନୁ ଷଣ୍ଢ, ସନ୍ତୋଷ ଦାସ, ରୋଜାଲିନ ଦାସ ପ୍ରମୁଖ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଗୋବିନ୍ଦ ଷଣ୍ଢ, ଦିଗାମ୍ବର ବେହେରା, ସନ୍ତୋଷ ବେହେରା, ସୁଧାକର ବେହେରା, କୁନା ଦାସ, ସୁଧାକର ଦାସ, କାଳିଆ ଦାସ, ରୋହିତ ଦାସ, ସୁଧାକର ଷଣ୍ଢ, ବଟ ବେହେରା, ଟିଙ୍କି ବେହେରା, ଗନ୍ଧର୍ବ ଦାସ, ପବି ମହାପାତ୍ର, ବୁବୁ ଦାସ ପ୍ରମୁଖ ବହୁ ଅଞ୍ଚଳବାସୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# 'ଜନସମ୍ପର୍କ ଅଭିଯାନ ସଫଳ କର'

ଢେଙ୍କାନାଳ ଅଫିସ, ୨୫।୫

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ଭାଜପା ମହିମା ମଣ୍ଡଳ ସଭାପତି ପ୍ରତ୍ୟୁଷହରି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଷ୍ଣୁ ପ୍ରସାଦ ଲେଙ୍କା ଯୋଗଦେଇ ମେ' ୩୦ରୁ ଜୁନ୍ ୩୦ ଯାଏ ଅନୁଷ୍ଠିତ ହେବାକୁ ଥିବା ମହାଜନସମ୍ପର୍କ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ୱାର୍ଡସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଲାଗି ସେ କର୍ମୀଙ୍କ ମାର୍ଗଦର୍ଶନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଏମ୍.ଜେ. ମହିମା, ବରିଷ୍ଠ କାର୍ଯ୍ୟକର୍ତ୍ତା ଶରତ ରାଉତ, ଭୀମସେନ ନାୟକ, ସୁରେଶ ରାଉତ, ସମରେନ୍ଦ୍ର ମହାନ୍ତି, ବିରଞ୍ଚି ନାରାୟଣ ସାହୁ, ସିଦ୍ଧାର୍ଥ ଶଙ୍କର ସାମଲ, ସୁଦର୍ଶନ ସ୍ତମ୍ଭ, ରାଜୀବ ଲୋଚନ ସ୍ୱାଇଁ, ଅମ୍ବିକା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାରଙ୍କ ଜନମଙ୍ଗଳ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରାଇବା ଏବଂ ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଭାଜପା ପକ୍ଷରୁ ଏହି ୩୦ ଦିନିଆ ଅଭିଯାନ କରାଯିବାକୁ ନିଷ୍ପତ୍ତି ହୋଇଛି।



ବୈଠକରେ ଭାଜପା ନେତୃବୃନ୍ଦ।

# ଖୁବ୍‌ଶୀଘ୍ର ବଦଳିବ ଯୋରନ୍ଦା କଳେବର

- ଉନ୍ନୟନ କାର୍ଯ୍ୟ ସମୀକ୍ଷା
- ୨୯ରେ ଆସିବେ ୫-ଟି ସଚିବ

ଢେଙ୍କାନାଳ ଅଫିସ, ୨୫।୫

ବିଶ୍ୱପ୍ରସିଦ୍ଧ ମହିମା ଧର୍ମପୀଠ ଯୋରନ୍ଦାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ଏହାର ସମୀକ୍ଷା କରିବା ପାଇଁ ୫-ଟି ସଚିବ ଭି. କେ. ପାଣ୍ଡିଆନ୍ ଆସନ୍ତା ୨୯ ତାରିଖରେ ଯୋରନ୍ଦା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଗୁରୁବାର ଅପରାହ୍ନରେ ବିଧାୟକ ସୁଧୀର କୁମାର ସାମଲ, ଜିଲାପାଳ ସରୋଜ କୁମାର ସେଠୀ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ପ୍ରମୁଖ ମହିମାଗାଦିରେ ପହଞ୍ଚି ବିକାଶମୂଳକ କାର୍ଯ୍ୟର ତଦାରଖ କରିଛନ୍ତି।

କୌପୀନଧାରୀ ଓ ବଲ୍କଲଧାରୀ ମହିମା ସାଧୁଗୋଷ୍ଠୀ ମଧ୍ୟରେ ଦୀର୍ଘବର୍ଷ ଧରି ଲାଗି ରହିଥିବା ବିବାଦର ଅନ୍ତ ହେବା ପରେ ପୀଠର ବିକାଶ ପଥ ଉନ୍ମୁକ୍ତ ହୋଇଛି। ବିଧାୟକ ଏବଂ ଜିଲାପାଳ ଉଭୟ ଗୋଷ୍ଠୀର ସାଧୁସନ୍ଥ, ସ୍ଥାନୀୟ ଅଞ୍ଚଳବାସୀଙ୍କ ମତାମତ ସଂଗ୍ରହ କରିଛନ୍ତି। ୨୯ ତାରିଖରେ ୫-ଟି ସଚିବ ମହିମାଗାଦି ପରିଦର୍ଶନରେ ଆସି ମହିମା ସନ୍ନ୍ୟାସୀଙ୍କ ଗହଣରେ ପ୍ରସାଦ ସେବନ କରିବେ। ଏଥିସହ ଅଞ୍ଚଳବାସୀଙ୍କ ସହ ଭାବ ବିନିମୟ କରିବା କାର୍ଯ୍ୟକ୍ରମ ରହିଛି। ଢେଙ୍କାନାଳ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେଥିରୁ ୧୦ କୋଟି ଟଙ୍କା ଯୋରନ୍ଦା ଉନ୍ନୟନ କାର୍ଯ୍ୟରେ ଖର୍ଚ୍ଚ ହେବ। ଆବଶ୍ୟକ ପଡ଼ିଲେ ଅଧିକ ଅନୁଦାନ ଯୋଗାଇ ଦିଆଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି।

ଏ ସଂକ୍ରାନ୍ତରେ ବିଧାୟକ ସାମଲ କୁହନ୍ତି, ସମସ୍ତଙ୍କ ମିଳିତ ଉଦ୍ୟମରେ ଦୁଇ ସାଧୁ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟ ସରକାର ଯୋରନ୍ଦାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଯୋଜନା କରିଛନ୍ତି। ଖୁବ୍ କମ୍‌ଦିନରେ ଯୋରନ୍ଦାର ରୂପରେଖ ବଦଳିଯିବ। ବିଶ୍ୱପ୍ରସିଦ୍ଧ ମହିମା ଧର୍ମର ଏହି ପୀଠ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବ। ଜିଲାପାଳ କହିଲେ, ଯୋରନ୍ଦାରେ ବିକାଶମୂଳକ କାର୍ଯ୍ୟ ଜାରି ରହିଛି। ଜନପ୍ରତିନିଧି, ଅଞ୍ଚଳବାସୀ ଏବଂ ସାଧୁସନ୍ଥ ଏଥିରେ ଅକୁଣ୍ଠ ସହଯୋଗ କରୁଛନ୍ତି।

ସମୀକ୍ଷା ବେଳେ ଅନ୍ୟମାନଙ୍କ ମଧ୍ୟରେ କୋରାପୁଟରୁ ଆସିଥିବା ସଂଯୋଜକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବଲ୍କଲଧାରୀ ମହିମା ସମାଜ ପକ୍ଷରୁ ବାବା ନିତ୍ୟାନନ୍ଦ ଦାସ, କୌପୀନଧାରୀ ମହିମା ସମାଜର ବାବା ରମେଶ ବାବା ପ୍ରମୁଖ ଉପସ୍ଥିତ ଥିଲେ।



ମହିମା ସାଧୁସନ୍ଥଙ୍କ ଗହଣରେ ବିଧାୟକ, ଜିଲା ପରିଷଦ ସଭାନେତ୍ରୀ, ଜିଲାପାଳଙ୍କ ସମେତ ଅନ୍ୟମାନେ।

